୮ ଏପ୍ରିଲ ୨୦୧୬
ସମ୍ବାଦ

# ଭୁବନେଶ୍ୱର ଆଇଆଇଟିରେ ବଢ଼ିଲା ୮୦ ସିଟ୍

ଭୁବନେଶ୍ୱର,୭।୪ (ନି.ପ୍ର.)- ଆଇଆଇଟି ଭୁବନେଶ୍ୱରରେ ଇଲେକ୍ଟ୍ରୋନିକ୍ସ ଓ କମ୍ୟୁନିକେସନ ନାମକ ଏକ ନୂତନ ବିଭାଗ ଖୋଲାଯିବ। ଇଲେକ୍ଟ୍ରୋନିକ୍ସ ଓ କମ୍ୟୁନିକେସନ ବିଭାଗରେ ନୂତନ ଭାବରେ ୪୦ ଆସନକୁ କେନ୍ଦ୍ର ମାନବସମ୍ବଳ ବିଭାଗ ଅନୁମୋଦନ କରିଛି । ସେହିପରି ସିଭିଲ୍ ଓ ମେକାନିକାଲ ବିଭାଗରେ ୨୦ଟି ଲେଖାଏଁ ସିଟ୍ ବୃଦ୍ଧିକୁ କେନ୍ଦ୍ର ସରକାର ଅନୁମୋଦନ ଦେଇଛନ୍ତି । ଫଳରେ ଏହି ଜାତୀୟ ଶିକ୍ଷାନୁଷ୍ଠାନରେ ଏଣିକି ବାର୍ଷିକ ୧୮୦ ଛାତ୍ରଛାତ୍ରୀ ପରିବର୍ତ୍ତେ ୨୬୦ ଜଣ ନାମ ଲେଖାଇ ପାରିବେ । ୨୦୦୯ ମସିହାରେ ଆଇଆଇଟି ସ୍ଥାପନ ସମୟରେ ବାର୍ଷିକ ୧୨୦ ଛାତ୍ରଛାତ୍ରୀଙ୍କ ନାମ ଲେଖାଇବା ବ୍ୟବସ୍ଥା ହୋଇଥିଲା ଓ ପରବର୍ତ୍ତୀ କାଳରେ ଏହାକୁ ୧୮୦କୁ ବୃଦ୍ଧି କରାଯାଇଥିଲା ।